## ସଂକ୍ଷେପରେ

### ବେଣୁଧର ରାଜ୍ୟ କଂଗ୍ରେସ ଓବିସି ସେଲ୍ ଉପାଧ୍ୟକ୍ଷ



ବନ୍ତଲା, ୫।୨(ଡି.ଏନ.ଏ.)- ଅନୁଗୋଳର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ ଓ ଜିଲା ପରିଷଦ ସଭ୍ୟ ବେଣୁଧର ସାହୁଙ୍କୁ ରାଜ୍ୟ ଓବିସି ସେଲର ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ତଥା ପ୍ରଦେଶ କଂଗ୍ରେସ କମିଟିର ଅନୁମୋଦନ କ୍ରମେ ଏହି ନିଯୁକ୍ତି ଦିଆଯାଇଥିବାରୁ ବେଣୁଧର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ରାଜ୍ୟ ଓବିସି ସେଲ ଅଧ୍ୟକ୍ଷ ବିଷ୍ଣୁଚରଣ ବାରିକ, ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଗତ ଦିନରେ ସାହୁ କଂଗ୍ରେସର ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ୧୯୯୩ ମସିହାରୁ ସେ ଖଲାରୀ ସେବା ସମବାୟ ସମିତିର ସଭାପତି ରହିବା ସହ ବର୍ତ୍ତମାନ ଅନୁଗୋଳ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଲିଃ ଏବଂ ନିୟନ୍ତ୍ରିତ ବଜାର କମିଟିର ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି।

### ଦୋଳଯାତ୍ରା ପ୍ରସ୍ତୁତି

ବଅଁରପାଳ, ୫।୨ (ଡି.ଏନ୍.ଏ)- ବଅଁରପାଳ ବ୍ଲକ ଟେଣ୍ଟୋଲୋଇଠାରେ ଆସନ୍ତା ମାର୍ଚ୍ଚରେ ହେବାକୁ ଥିବା ଦୋଳ ଯାତ୍ରା ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ବସିଥିଲା। ସ୍ୱାଗତ ନାୟକ ସଭାପତିତ୍ୱ କରି ଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବାକୁ ଆଲୋଚନା କରିଥିଲେ। ଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ପପୁ ନାୟକ, ଇଲୁ ନାୟକ, ବାବୁ ନାୟକ, ଅପୁଲ କୁମାର, ପ୍ରଭାତ କୁମାର, କୁନ୍ଦନ ନାୟକ, ଦିନେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ■ ନିର୍ବାଚନ ପରିଚାଳନା ପ୍ରସ୍ତୁତି

# ଫୋକସ୍‌ରେ ନିଶା ନିୟନ୍ତ୍ରଣ

■ ସମ୍ବେଦନଶୀଳ ଅଞ୍ଚଳରେ ଜୋର୍‌ଦାର ହେବ ଚଢ଼ାଉ

■ ନିୟମିତ ମଦ ଦୋକାନ ପରିଦର୍ଶନ କରିବେ ଅଧିକାରୀ

ଅନୁଗୋଳ ଅଫିସ, ୫।୨

ଆସନ୍ତା ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ପ୍ରସ୍ତୁତି ଚାଲିଛି। ଏ ନେଇ ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ଜିଲାସ୍ତରୀୟ ବୈଠକ ବସିଥିଲା। ନିର୍ବାଚନ ପୂର୍ବରୁ ଜିଲାରେ ବେଆଇନ ନିଶା କାରବାର ଉପରେ ରୋକ ଲଗାଯିବା ସହ ଦୋକାନଗୁଡିକରେ ମାଦକ ଦ୍ରବ୍ୟ ବିକ୍ରି ଉପରେ ନିୟନ୍ତ୍ରଣ ରଖିବାକୁ ଜିଲାପାଳ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବେଆଇନ ମଦ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ କାରବାର କମାଇବାକୁ ଅନୁଗୋଳ, ଆଠମଲ୍ଲିକ ଓ ତାଳଚେର ନିରୀକ୍ଷକ ରେଞ୍ଜରେ କଣ୍ଟ୍ରୋଲ ରୁମ୍ ଖୋଲିବ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଦ ତଦାରଖ ଦଳ ମଧ୍ୟ ଗଠନ କରାଯିବ। ଏଥିସହ ସମ୍ବେଦନଶୀଳ ଅଞ୍ଚଳରେ ନିୟମିତ ଚଢ଼ାଉ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଦୋକାନଗୁଡ଼ିକରେ ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ମଦ ଗ୍ରାହକମାନଙ୍କୁ ବିକ୍ରି ନ କରିବାକୁ ନିର୍ଦ୍ଦେଶ ଦିଆଯିବ। ଜିଲାର ସୀମାବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ନିୟମିତ ରାତ୍ରି ପାଟ୍ରୋଲିଂ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି। ଏହାଛଡ଼ା ନିୟମିତ ମଦ ଦୋକାନଗୁଡ଼ିକୁ ପରିଦର୍ଶନ କରି ମଦ ବିକ୍ରିକୁ ଯାଞ୍ଚ କରିବାକୁ କୁହାଯାଇଛି। ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ନିୟମିତ ରିପୋର୍ଟ ଜିଲା ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯିବ। ନିର୍ବାଚନ ସମୟରେ ବିଭାଗୀୟ ଅଧିକାରୀମାନେ କେହି ଯେପରି ସଦର ମହକୁମା ନ ଛାଡ଼ନ୍ତି ସେଥିପାଇଁ କର୍ତ୍ତୃପକ୍ଷ ବିଶେଷ ଭାବେ ଧ୍ୟାନ ଦେବାକୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ନାୟକ, ଆସିଷ୍ଟାଣ୍ଟ କଲେକ୍ଟର ଲମ୍ବୋଦର ମାରାଣ୍ଡିଙ୍କ ସମେତ ବିଭିନ୍ନ ଅବକାରୀ କାର୍ଯ୍ୟାଳୟର ନିରୀକ୍ଷକ ଓ ଉପନିରୀକ୍ଷକମାନେ ଯୋଗ ଦେଇଥିଲେ।

## ଚୋରା ମଦ ଜବତ କଲେ ମହିଳା

ବଅଁରପାଳ, ୫।୨ (ଡି.ଏନ୍.ଏ)



ନାଲ୍‌କୋ ଥାନା ଗିରାଙ୍ଗ ଛକ ନିକଟରେ ଏକ ବାଇକ୍‌ରେ ଜଣେ ଯୁବକ ଚୋରା ମଦ ନେଇ ଯାଉଥିବାବେଳେ ମହିଳା ସଂଘ ସଦସ୍ୟଙ୍କ ହାତରେ ଧରା ପଡିଛନ୍ତି। ଜଣେ ଯୁବକଙ୍କୁ ଧକ୍କା ଦେଇ ବାଇକ୍ ଚାଳକ ପଳାଇଯାଉଥିବାବେଳେ ମହିଳାମାନେ ଗାଡିଟିକୁ କାବୁ କରିନେଇଥିଲେ। ଘଟଣା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଥାଉ କି, ୨ ଦିନ ପୂର୍ବରୁ ସମାନ ଭାବେ ଛକ ନିକଟରେ ଏକ ଚୋରା ମଦ ବୋଝେଇ ଅଟୋକୁ ମହିଳାମାନେ ଜବତ କରି ଥାନାକୁ ହସ୍ତାନ୍ତର କରିଥିଲେ। ଗିରାଙ୍ଗ ଛକଠାରେ ଥିବା ମଦଭାଟିକୁ ସ୍ଥାନାନ୍ତର ପାଇଁ ଦୀର୍ଘଦିନର ଦାବି ସତ୍ତ୍ୱେ ପ୍ରଶାସନ ପଦକ୍ଷେପ ନେଉ ନ ଥିବାରୁ ଚୋରା ମଦ କାରବାର ବଢ଼ିବାରେ ଲାଗିଥିବା ଅଭିଯୋଗ ହୋଇଛି।

## ନିଯୁକ୍ତି ନ ମିଳିଲେ ରେଳରୋକୋ

ବଅଁରପାଳ, ୫।୨ (ଡି.ଏନ୍.ଏ)

ନାଲ୍‌କୋରେ ଜମି ହରାଇଥିବା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ନିଯୁକ୍ତି ନ ମିଳିଲେ ଆସନ୍ତା ୮ ତାରିଖରୁ ରେଳରୋକୋ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ନାଲ୍‌କୋ କ୍ଷତିଗ୍ରସ୍ତ ଏଲ୍‌ଏପି ପ୍ରଜା ମହାସଂଘ। ଏନେଇ ସଂଘ ତରଫରୁ ଆର୍‌ଡିସିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସଂଘ ଅଭିଯୋଗ କରିଛି, ନାଲ୍‌କୋ କ୍ଷତିଗ୍ରସ୍ତ ଏଲ୍‌ଏପି ପ୍ରଜା ମହାସଂଘ କ୍ଷତିଗ୍ରସ୍ତମାନଙ୍କୁ ନିଯୁକ୍ତି ଦେବାପାଇଁ ଦୀର୍ଘ ଦିନରୁ ଦାବି କରିଆସୁଛି। ଏ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ କରାଯାଇ ପ୍ରଥମ ପର୍ଯ୍ୟାୟରେ କେଉଁମାନଙ୍କୁ ନିଯୁକ୍ତି ଦିଆଯିବ ସେ ନେଇ ତାଲିକା ପ୍ରସ୍ତୁତ କରାଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ନାଲ୍‌କୋ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରଶାସନ ନାଲ୍‌କୋ ଅଧିକାରୀଙ୍କ ସହ ମିଶି ନିଯୁକ୍ତି କ୍ଷେତ୍ରରେ ଅଣଦେଖା କରୁଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ତୁରନ୍ତ ସଂଘ ପକ୍ଷରୁ ଦିଆଯାଇଥିବା ତାଲିକାଗୁଡ଼ିକୁ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରିବା ପାଇଁ ସଭାପତି ଅଖିଳ ପଣ୍ଡା, ସମ୍ପାଦକ ଲଲାଟ ସାମନ୍ତସିଂହ ପ୍ରମୁଖ ଦାବି କରିଛନ୍ତି।

## କୋଇଲା ଟ୍ରକ୍ ଜବତ

ତାଳଚେର,୫।୨(ନି.ପ୍ର.)

ବଲଣ୍ଡା ଫାଣ୍ଡି ପୋଲିସ ସୋମବାର ରାତିରେ ଏକ ଚୋରା କୋଇଲା ବୋଝେଇ ଟ୍ରକ(ନଂ.ଓଡି୦୫ ଡବ୍ଲ୍ୟୁ ୧୯୦) ଜବତ କରିଛି। ଏଥିସହିତ ଏହାର ଚାଳକ ସୁମନ୍ତ କୁମାର ବେହେରାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଭରତପୁର କୋଇଲା ଖଣିର କୋଇଲା ପରିବହନ ରାସ୍ତାରୁ ଉକ୍ତ ଟ୍ରକକୁ ପୋଲିସ ଜବତ କରିଥିଲା।

## ୧୩ ଦଫା ଦାବିରେ ବିକ୍ଷୋଭ




ଛେଣ୍ଡିପଦା,୫।୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଅଫିସ ସମ୍ମୁଖରେ ଏସ୍‌ୟୁସିଆଇ ଓ ଅଲ୍‌ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନର ମିଳିତ ଆହ୍ୱାନକ୍ରମେ ମଙ୍ଗଳବାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ହାତୀ ଉପଦ୍ରବ କ୍ଷତିପୂରଣ ଆଦି ୧୩ ଦଫା ଦାବିରେ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏସ୍‌ୟୁସିଆଇ ବ୍ଲକ ସମ୍ପାଦକ ନବକିଶୋର ପ୍ରଧାନଙ୍କ ନେତୃତ୍ୱରେ ବ୍ଲକର ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଛେଣ୍ଡିପଦା ଡାକ ବଙ୍ଗଳାଠାରୁ ଶୋଭାଯାତ୍ରାରେ ବାହାରି ଛେଣ୍ଡିପଦା ବଜାର ପରିକ୍ରମା କରିଥିଲେ। ଏହାପରେ ବ୍ଲକ ସମ୍ମୁଖରେ ବିକ୍ଷୋଭ କରିଥିଲେ। ପରେ ସେଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ସରକାରଙ୍କ ଜନମାରଣ ନୀତିକୁ ନିନ୍ଦା କରାଯାଇଥିଲା। ଏହାପରେ ଏକ ଦାବିପତ୍ର ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋମାଞ୍ଚିଳ ଖମାରିଙ୍କୁ ପ୍ରଦାନ କରାଯାଇଥିଲା। ଛେଣ୍ଡିପଦା ଚାଷୀ ନେତା ସୁବାସ ପ୍ରଧାନ, ରଣଜିତ୍ ପ୍ରଧାନ, ଜଳନ୍ଧର ଦେହୁରି, ଏସ୍‌ୟୁସିଆଇର ମାନସ ପାଳ, ପ୍ରସାଦି ପ୍ରଧାନ, ଭରତ ନାଏକ, ସତ୍ୟ ରଞ୍ଜନ ସାହୁ, ପ୍ରତିମା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ■ ନିୟମ ଉଲ୍ଲଂଘନ, ଦୁର୍ବ୍ୟବହାର ଅଭିଯୋଗ

# ନିଲମ୍ବନ ହେଲେ ଶିକ୍ଷୟିତ୍ରୀ

ଅନୁଗୋଳ ଅଫିସ, ୫।୨

ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ଥର ରାସ୍ତାରେ ବସି ପ୍ରତିବାଦ କରିଥିବା ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏ ନେଇ ବ୍ଲକ ଶିକ୍ଷା ଅଧିକାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ. ୨୬୫/୧୯ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଅବଗତ କରାଯାଇଥିବା ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ ସୂଚନା ଦେଇଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ଅଶ୍ଳୀଳ ବ୍ୟବହାର ଓ ସରକାରୀ ନିୟମକୁ ଉଲ୍ଲଂଘନ କରିଥିବାରୁ ତାଙ୍କୁ ନିଲମ୍ବନ କରାଯାଇଥିବା ଶିକ୍ଷା ଅଧିକାରୀ କହିଛନ୍ତି। ପୂର୍ବରୁ ଶିକ୍ଷୟିତ୍ରୀ ବିଶ୍ୱାଳ ବିଭାଗୀୟ ଅଧିକାରୀଙ୍କୁ ଖରାପ ବ୍ୟବହାର କରିବା ସହ ମହିଳା ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଜେଲ ଯାଇଥିଲେ। ଏହାପରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ପରେ ନିଲମ୍ବନ ନିର୍ଦ୍ଦେଶ ଉଠାଯାଇ କାର୍ଯ୍ୟରେ ଯୋଗ ଦେବାପାଇଁ କୁହାଯାଇଥିଲା। ଏପରିକି ଅନୁଗୋଳ ଶିଳ୍ପାଞ୍ଚଳ ସ୍କୁଲରେ ନିଯୁକ୍ତି ଦିଆଯାଇଥିଲା। ଏହାପରେ ସେ ପିଟିସି ସ୍କୁଲରେ ଯୋଗଦେବା ପାଇଁ ଅଡ଼ିବସି ୨ ଥର ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଧାରଣାରେ ବସିଥିଲେ। ସେହିପରି ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ଖରାପ ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ଶିକ୍ଷୟିତ୍ରୀ ବିଶ୍ୱାଳଙ୍କ ବହିଷ୍କାର ପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ସୁପାରିଶ କରାଯାଇଥିବା ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ମୃତଦେହ ଦାହ କଲେ ବିଜୁ ଯୁବ ବାହିନୀ ସଦସ୍ୟ

**କଣିହାଁ,୫।୨(ଡି.ଏନ.ଏ):** କଣିହାଁ ବ୍ଲକ ବିଜୁ ଯୁବ ବାହିନୀ ଗଡାଶିଳା ଓ ବିଜିଗୋଳ ପଞ୍ଚାୟତ ସଦସ୍ୟମାନେ ମଙ୍ଗଳବାର ଜଣେ ଅସହାୟ ବ୍ୟକ୍ତିଙ୍କ ମୃତଦେହ ଦାହ କରିଛନ୍ତି। ବ୍ଲକ ବିଜେଡି ଯୁବ ସଭାପତି ବିକାଶ ପ୍ରଧାନ କହିଛନ୍ତି, ଏନ୍‌ଟିପିସି ଥାନା ହଟିଂରେ ରହୁଥିବା ଯୁଗୀ ନାଏକଙ୍କ ମୃତ୍ୟୁ ଘଟିଥିଲା। କେହି ସହଯୋଗ ପାଇଁ ନ ଆସିବାରୁ ବିଜୁ ଯୁବ ବାହିନୀ ତରଫରୁ ସଂସ୍କାର କାର୍ଯ୍ୟକ୍ରମ ହୋଇଥିଲା।

### ବିଜେଡିର ୱାର୍ଡ କମିଟି ଗଠିତ



**ଅନୁଗୋଳ ଅଫିସ, ୫।୨:** ଅନୁଗୋଳ ଜିଲା ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର କୋଠଭୂଇଁ, ଟାଇଁସି ଓ ଅନ୍ତୁଳିଆ ପଞ୍ଚାୟତରେ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ସରକାରଙ୍କ ବିଭିନ୍ନ ଉନ୍ନତୀମୂଳକ ଯୋଜନା ଗୁଡ଼ିକ କିଭଳି ଲୋକଙ୍କ ପାଖରେ ପହଞ୍ଚିପାରିବ ସେ ନେଇ ଆଲୋଚନା କରିଥିଲେ। ଏଥିରେ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନଙ୍କ ଜିଲା ପ୍ରତିନିଧି ତପନ କୁମାର ଦେହୁରୀ, ବିଧାୟକଙ୍କ ପ୍ରତିନିଧି ସଞ୍ଜୀବ ସ୍ୱାଇଁ, ପୂର୍ବତନ ଅନୁଗୋଳ ବ୍ଲକ ଚେୟାରମ୍ୟାନ କୈଳାସ ସାହୁ, ଅନ୍ତୁଳିଆ ପଞ୍ଚାୟତ ସରପଞ୍ଚ ମୀନାକ୍ଷୀ ସାହୁ, ଟାଇଁସି ସରପଞ୍ଚ ବେଦବ୍ୟାସ ପ୍ରଧାନ, କୋଠଭୂଇଁ ସରପଞ୍ଚ ମାନସ ନାଏକ, ବିଜେଡି ନେତା ଗଣେଶ୍ୱର ପ୍ରଧାନ, ପ୍ରଦୀପ୍ତ କିଶୋର ସାହୁ, ଶିବରାମ ଦେହୁରୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

### ଥାନାରେ ଚାଷୀ ଅଟକ

**ପାଟଣା, ୫।୨(ସ୍ୱ.ପ୍ର.):** ସ୍ଥାନୀୟ ବ୍ଲକ ନବ ନିର୍ମାଣ କୃଷକ ସଙ୍ଗଠନର ୨ ସଦସ୍ୟଙ୍କୁ ମଙ୍ଗଳବାର ଅପରାହ୍ନରେ ପୋଲିସ ପାଟଣା ଥାନାରେ ଅଟକ ରଖିଛି। ସେମାନେ ହେଲେ ଡିଆନାଳି ଗ୍ରାମର ଗୌତମ ମହାନ୍ତ ଓ ବଡ଼ଜାମୁପଶି ଗ୍ରାମର ଧନେଶ୍ୱର ମୁଣ୍ଡାରୀ। ପ୍ରାଇସ, ପେନ୍‌ସନ ଓ ପ୍ରେଷ୍ଟିଜ ଦାବିରେ ସଙ୍ଗଠନ ତରଫରୁ ବୁଧବାର ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ବିକ୍ଷୋଭ ସମାବେଶ ଡାକରା ଦିଆଯାଇଛି। ଏପରି ଅଟକକୁ ନେଇ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ୧୩ରେ ମଦ ବିରୋଧୀ ରାଲି

**କେନ୍ଦୁଝର, ୫।୨(ସ୍ୱ.ପ୍ର.):** ୧୩ ତାରିଖରେ ମଦ ବିରୋଧୀ ରାଲି ହେବା ନେଇ ପାଟଣା ବ୍ଲକ ତୁରୁମୁଙ୍ଗାର ବୈତରଣୀ ମହିଳା ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୁରୁଣା ଶିବ ମନ୍ଦିରରୁ ପାଟଣା ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ମହିଳା ଏକ ଶୋଭାଯାତ୍ରାରେ ବାହାରି ବିକ୍ଷୋଭ ସଭା କରିବେ ବୋଲି ଜଣାପଡ଼ିଛି। ମଦ ଯୋଗୁ ଗ୍ରାମାଞ୍ଚଳରେ ବୃଦ୍ଧି ପାଉଥିବା ଘରୋଇ ହିଂସା, ଅପରାଧ, ଦୁର୍ଘଟଣା ତଥା ଅସାମାଜିକ କାର୍ଯ୍ୟ ରୋକିବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଲି ଆୟୋଜନ କରାଯିବ ବୋଲି କୁହାଯାଇଛି।

### ଜିଲାପାଳଙ୍କୁ ୪ ଦଫା ଦାବିପତ୍ର

**ଛେଣ୍ଡିପଦା,୫।୨(ସ୍ୱ.ପ୍ର):** ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଡାକରା କ୍ରମେ ଛେଣ୍ଡିପଦା ବ୍ଲକ ଗ୍ରାମ୍ୟ କୃଷି କର୍ମଚାରୀମାନେ ୪ ଦଫା ଦାବିରେ ମଙ୍ଗଳବାର ଆନ୍ଦୋଳନ କରିଛନ୍ତି। ଛେଣ୍ଡିପଦା ବ୍ଲକ ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ସଭାପତି ଶରତ କୁମାର ସାହୁଙ୍କ ଡାକରାରେ ବ୍ଲକର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୪ଦଫା ଦାବିପତ୍ର ପ୍ରଦାନ କରିଥିଲେ। ସଂଘ ପକ୍ଷରୁ ଗ୍ରାମ୍ୟ କୃଷି କର୍ମଚାରୀ ପଦବୀର ନାମ ପରିବର୍ତ୍ତନ କରି ପଞ୍ଚାୟତ କୃଷି ଅଧିକାରୀ କରିବା, ସାରା ରାଜ୍ୟରେ ସମାନୁପାତିକ ଭିତ୍ତିରେ ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷି ଅଧିଦର୍ଶକ ରହିବା କିମ୍ବା ପଦବୀ ଗୁଡିକରେ ପୁନଃବଣ୍ଟନ କରିବା ଆଦି ୪ ଦଫା ଦାବିରେ ସରକାରଙ୍କୁ ସଂଘ ପକ୍ଷରୁ ୨।୧୦।୨୦୧୮ରେ ସଂଘ ପତ୍ର ସଂଖ୍ୟା ୫୧ ଅନୁଯାୟୀ ଦାବି କରାଯାଇଥିଲା। ସରକାର ଏ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରିବା ପ୍ରତିବାଦରେ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏଥିପ୍ରତି ସରକାର ଦୃଷ୍ଟି ନ ଦେଲେ ଆଗାମୀ ୧୨ରୁ ସମୂହ ଛୁଟିରେ ଯିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

■ ତଳମୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ୨ ବର୍ଷ ହେଲା ପ୍ରସବ ଗୃହରେ ତାଲା

**ବଅଁରପାଳ, ୫।୨ (ଡି.ଏନ୍.ଏ)**



ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସବ ଗୃହ।

**■ନାହିଁ ପ୍ରସବ ଉପକରଣ, ନାହାନ୍ତି ଡାକ୍ତର**

**■୨୧ କିମି ଦୂର ଜିଲା ଚିକିତ୍ସାଳୟ ଭରସା**

ଲୋକମାନଙ୍କୁ ସୁବିଧାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଥିବା ଡିଣ୍ଡିମ ପିଟୁଛନ୍ତି। ହେଲେ ରାଜ୍ୟର ଅନେକ ସ୍ଥାନରେ ଆଜି ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ଅପହଞ୍ଚ ଥିବାବେଳେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ବି ବିଭାଗ ଠିକ୍ ଭାବେ ଚଳାଇପାରୁନାହିଁ। ଯାହାର ଉଦାହରଣ ଦେଖିବାକୁ ମିଳିଛି ଅନୁଗୋଳ ଜିଲା ବଅଁରପାଳ ବ୍ଲକ ତଳମୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ। ଏଠାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାବେଳେ ଦୀର୍ଘ ୨ ବର୍ଷ ହେଲା ପ୍ରସୂତି ଗୃହରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଉପୁଜିଛି।

ଅଞ୍ଚଳବାସୀଙ୍କ କହିବା ମୁତାବକ, ତଳମୂଳଠାରେ ଥିବା ପ୍ରାଥମିକ ଚିକିତ୍ସାକେନ୍ଦ୍ର ଉପରେ ତଳମୂଳ, ମହୀଧରପୁର, ଫୁଲପଡ଼ା, ତଳମୂଳ ଶାସନ, ପାଟଣା, ଗିରିଧିବାସିଆ, କଇଁଛବାହାଳ, କଲଣ୍ଡାପାଳ, କୁଶୁଣା, ତିଳପଙ୍ଗା ସମେତ ଆଖପାଖ ଅଞ୍ଚଳର ଲୋକେ ଏହା ଉପରେ ନିର୍ଭର କରନ୍ତି। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨ ବର୍ଷ ପୂର୍ବରୁ ସେଠାରେ ପ୍ରସବ ଗୃହ ନିର୍ମାଣ କରାଯାଇଥିଲେ ବି ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ପ୍ରସବ ନିମନ୍ତେ ଆବଶ୍ୟକ ଯନ୍ତ୍ର ଉପକରଣ ମଧ୍ୟ ନ ଥିବା ଅଭିଯୋଗ ହୋଇଛି। ଏପରିକି ସ୍ୱତନ୍ତ୍ର ଭାବେ ଷ୍ଟାଫ ନର୍ସ, ସୁଇପର ଓ ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇନାହିଁ। ଫଳରେ ପ୍ରସୂତି ହେବାକୁ ଥିବା ମହିଳାମାନେ ପ୍ରାୟ ୨୧ କିମି ଦୂର ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ଏ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସପ୍ନେଶ୍ୱର ବେହେରାଙ୍କୁ ଯୋଗାଯୋଗ ହୋଇ ନ ପାରିବାରୁ ମତାମତ ମିଳିପାରିନାହିଁ।

## ଗାଡ଼ି, ଲାପଟପ୍ ଉଦ୍ଧାର, ୨ ଗିରଫ

**ଅନୁଗୋଳ ଅଫିସ, ୫।୨**

ଅନୁଗୋଳରୁ ଗାଡ଼ି ଓ ଲାପଟପ୍ ଚୋରି କରିଥିବା ଅଭିଯୋଗରେ ଅନୁଗୋଳ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ସ୍ଥାନୀୟ କଲେଜ ଛକ ନିକଟ ହାକିମପଡ଼ା ଅଞ୍ଚଳର ସୌମ୍ୟ ଓଝା (୧୮) ଓ ଅନ୍ୟଜଣେ ନାବାଳକ ବୋଲି ଜଣାପଡିଛି। ସେମାନଙ୍କଠାରୁ ପୋଲିସ ୨ଟି ଚୋରା ବାଇକ ଓ ଦୁଇଟି ଲାପ୍‌ଟପ ଉଦ୍ଧାର କରିଛି। ସୂଚନାଯୋଗ୍ୟ ଯେ, ଗତ ଜାନୁୟାରୀ ୨୨ରେ ଫିଶେରି ବିଭାଗର ଜ୍ୟୋତିରଞ୍ଜନ ନାୟକଙ୍କ ବାଇକ (ଓଡ଼ି-୦୨-ଏଏସ୍-୫୪୦୪) ଘରୁ ଚୋରି ହୋଇଯାଇଥିଲା। ଏନେଇ ନଂ. ୮୬/୧୯ରେ ମାମଲା ରୁଜୁ ହୋଇଥିଲା। ସେହିପରି ହନୁମାନ ବଜାରରୁ ସଞ୍ଜୟ କୁମାର ଦାସଙ୍କ ବାଇକ (ଓଡ଼ି-୦୨-ଏଆର୍-୯୮୬୦) ଚୋରି ହେବା ନେଇ ନଂ. ୭୧/୧୯ରେ ମାମଲା ରୁଜୁ କରାଯାଇଥିଲା। ସେହିପରି ରେଞ୍ଜର୍ସ କଲେଜ ଓ ବିଇଡି କଲେଜରୁ ଚୋରି ହୋଇଥିବା ଲାପ୍‌ଟପ ପୋଲିସ ଉଦ୍ଧାର କରିଛି। ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗିରଫ କରିଛି।



ବଅଁରପାଳ ଠାରେ କଳାବ୍ୟାଜ ପରିଧାନ କରିଥିବା କୃଷି କର୍ମଚାରୀମାନେ।

# କଳାବ୍ୟାଜ୍ ପିନ୍ଧିଲେ କୃଷି କର୍ମଚାରୀ

**ଅନୁଗୋଳ ଅଫିସ/ବଅଁରପାଳ, ୫।୨ (ଡି.ଏନ୍.ଏ)**

ପଦବୀ ନାମ ପଞ୍ଚାୟତ କୃଷି ଅଧିକାରୀ କରାଯିବା, କୃଷି ଓଭରସିଅର୍ ଓ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ନେଇ ନୂତନ କ୍ୟାଡ଼ର ନିୟମ କରିବା, ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ବିଜ୍ଞାନ ପରିବର୍ତ୍ତେ କୃଷିରେ ଡିପ୍ଲୋମା କିମ୍ବା ବିଜ୍ଞାନରେ ସ୍ନାତକ କରାଯିବା ଆଦି ଦାବି ନେଇ ଜିଲା ଗ୍ରାମ୍ୟ କୃଷି କର୍ମଚାରୀମାନେ ମଙ୍ଗଳବାର ଅନୁଗୋଳ, ବଅଁରପାଳ କୃଷି କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ ପରିଧାନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘର ଦାବିଗୁଡ଼ିକୁ ସରକାର ଦୃଷ୍ଟି ନ ଦେଲେ ଆସନ୍ତା ୧୨ ତାରିଖ ଠାରୁ ସମସ୍ତେ ସମୂହ ଛୁଟିରେ ଯିବାକୁ ସଂଘ ଚେତାବନୀ ଦେଇଛି। ସଂଘର ଜିଲା ସଭାପତି ଚିତ୍ତରଞ୍ଜନ ପଣ୍ଡା, ଉପସଭାପତି ଇତିଶ୍ରୀ ଶତପଥୀ, ସମ୍ପାଦକ ବାଦଲ କୁମାର ଦାସ, ମନୋଜ ଦାସ, ଦିଲୀପ ବରାଳ, ହେମନ୍ତ ଦଳବେହେରାଙ୍କ ସମେତ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଦଳକୁ ମଜଭୁତ କରିବାକୁ ପରାମର୍ଶ



ଛେଣ୍ଡିପଦାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମୀମାନେ।

**ଛେଣ୍ଡିପଦା/ବଇଣ୍ଡା, ୫।୨(ଡି.ଏନ.ଏ.)**

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ବାଲିପଟା ପଞ୍ଚାୟତସ୍ତରୀୟ ବିଜୁ ଜନତା ଦଳ ପକ୍ଷରୁ ୱାର୍ଡ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସରପଞ୍ଚ ରାକେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଜିଲାପରିଷଦ ସଭ୍ୟ ଶ୍ରୀଧର ଗଡନାୟକ, ସମବାୟ ସମିତି ସଭାପତି ସୁଶୀଲ କୁମାର ସାହୁ, ପର୍ଯ୍ୟବେକ୍ଷକ ଭାବେ ସରୋଜ କୁମାର ସାହୁ, ବରିଷ୍ଠ ନେତା ଶିଶିର ଗଡନାୟକ, ଅଶୋକ ଗଡନାୟକ, ସୌଭାଗ୍ୟ ଗଡନାୟକଙ୍କ ସମେତ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦଳର ସଙ୍ଗଠନକୁ ପ୍ରତି ୱାର୍ଡସ୍ତରରେ କିପରି ଅଧିକ ସୁଦୃଢ଼ କରାଯାଇ ପାରିବେ ସେ ସମ୍ପର୍କରେ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସେହିପରି ଟେଣ୍ଟୁଲୋଇ କୋଡାସାହିରେ ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକ ବରିଷ୍ଠ ନେତା ଉପେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ରଘୁନାଥ ପ୍ରଧାନଙ୍କ ସମେତ ବହୁ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି କୁଶକିଳା ପଞ୍ଚାୟତସ୍ତରୀୟ ବିଜେଡି ୱାର୍ଡ କମିଟି ବୈଠକ ଯୁବ ନେତା ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସରପଞ୍ଚ ମନ୍ମଥ ବେହେରା, ଚିତ୍ତରଞ୍ଜନ ବିଶ୍ୱାଳ, ସମବାୟ ସମିତି ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ। କିଶୋରନଗର ବ୍ଲକ ଜାମୁନାଳୀ ପଞ୍ଚାୟତ ମକାମୁଣ୍ଡା ଗ୍ରାମରେ ତପନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପର୍ଯ୍ୟବେକ୍ଷକ ପ୍ରଦୀପ ପଣ୍ଡା, ଅନ୍ୟତମ ଅତିଥି ଭାବେ କିଶୋରନଗର ବ୍ଲକ ବିଜେଡିର ଯୁବ ସଭାପତି ପ୍ରତାପ ମାଝି, ଦୁର୍ଯ୍ୟୋଧନ ପ୍ରଧାନ, ବିଜୁ ଯୁବ ବାହିନୀର ସଭାପତି ଲୋକନାଥ ଦେହୁରି ପ୍ରମୁଖ ଯୋଗ ଦେଇଥିଲେ।

# ମହିଳା ସଂଘ ପକ୍ଷରୁ ପୋଖରୀ ସଫେଇ




**ଅନୁଗୋଳ ଅଫିସ, ୫।୨**

ଅନୁଗୋଳ ଜିଲା ବଳରାମପ୍ରସାଦ ପାଟଣାସାହିର ମହିଳା ସଶକ୍ତୀକରଣ ସଂଘ ପକ୍ଷରୁ ଶାମୁକା ପୋଖରୀ ସଫେଇ କରାଯାଇଛି। ସଂଘ ସଭାପତି ମମତା ମହାଲିକଙ୍କ ନେତୃତ୍ୱରେ ବଳରାମପ୍ରସାଦ ଗ୍ରାମ ଛକଠାରୁ ପାଟଣାସାହି ଦେଇ ଗ୍ରାମ ପରିକ୍ରମା କରି ପୋଖରୀ ସଫା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧୀର, ସାଧାରଣ ସମ୍ପାଦିକା ନୀଳକମଲ ସେଠୀ, ସଂଘ ସମ୍ପାଦିକା ରେବତୀ ବେହେରା, ବଳରାମପ୍ରସାଦ ପଞ୍ଚାୟତ କଂଗ୍ରେସ କମିଟିର ସଭାପତି ବାନାମ୍ବର ବେହେରା, ସମ୍ପାଦକ ସପ୍ନେଶ୍ୱର ପଣ୍ଡା, ଜିଲା କଂଗ୍ରେସ କମିଟି ସମ୍ପାଦକ କୁମୁଦବନ୍ଧୁ ଧର, ଗୋପୀନାଥ ସାହୁ, ମୁରଲୀଧର ସାହୁ, ହରେକୃଷ୍ଣ ମହାପାତ୍ର, ଦୁଃଖବନ୍ଧୁ ନାହାକ, ଚାରୁଲତା ବାରିକ, ମମତା ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

**ଆଠମଲ୍ଲିକ,୫।୨(ଡି.ଏନ.ଏ.)**

କୃଷକ ମହାସଂଘ ପକ୍ଷରୁ ୧୨ ଦଫା ଦାବିରେ ମଙ୍ଗଳବାର ଆଠମଲ୍ଲିକ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଏକ ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ ଖେଳ ପଡିଆରୁ ବାହାରି ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ସେଠାରେ ସଂଘ ସଭାପତି ଦେବେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିନୋଦ ପ୍ରଧାନ, ପୀତାମ୍ବର ବିଶ୍ୱାଳ, ସୁଦର୍ଶନ ଗାଇଗରିଆ, ଶାନ୍ତିଲତା ବେହେରା, ଭିମସେନ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। ମାନଜୋର ଜଳ ସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା, ଗେଟ୍ ପକାଇବା, ସୁରେଶ୍ୱରୀ, ଧଉରାଗୋଠ, ମହାସତୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା, ପାତ୍ରପଡାଠାରୁ କିଆକଟା, ମାଳିପଦର ଠାରୁ ହରିଡାକୋଠା ପର୍ଯ୍ୟନ୍ତ କେନାଲ କାମ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇ ଟେଣ୍ଡର କରିବା, ବିସ୍ଥାପିତ ଲୋକଙ୍କ ସମସ୍ୟା ସମାଧାନ କରିବା ଆଦି ଦାବିରେ ସ୍ଥାନୀୟ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ବାଗଡିଆ ଚାମ୍ପିୟନ




**ଛେଣ୍ଡିପଦା,୫।୨(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ମାଛକୁଟ ପଞ୍ଚାୟତ ମାଛକୁଟା ହନୁମାନ ଖେଳ ପଡ଼ିଆରେ ଚାଲିଥିବା ୨୯ତମ ଏମ୍‌ସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ସୋମବାର କୋରଡା କ୍ରିକେଟ ଟିମ ଓ ବାଗଡିଆ କ୍ରିକେଟ ଟିମ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କୋରଡା ପ୍ରଥମେ ବ୍ୟାଟିଂ କରି ୮୯ ରନ କରିଥିଲା। ଜବାବରେ ବାଗଡିଆ ୯୦ରନ କରି ଚାମ୍ପିୟନ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ, ଜରପଡା ମଣ୍ଡଳ ସଭାପତି ଶତ୍ରୁଘ୍ନ ସାହୁ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ବାଗଡିଆ ଟିମର କମଳ ଲୋଚନ ସାହୁ ଏବଂ ବେଷ୍ଟ ବୋଲର ଭାବେ ଦମ୍ବରୁ ସାହୁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମନୋରଞ୍ଜନ ସାହୁ, ବାପୁନୁ ସାହୁ ଖେଳ ପରିଚାଳନା କରିଥିଲେ। ମାଛକୁଟା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ରାସ୍ତା ଖୋଳାକୁ ଗ୍ରାମବାସୀଙ୍କ ବିରୋଧ

**ଯୋଡ଼ା, ୫।୨(ଡି.ଏନ.ଏ.)**

ଲେବଲ କ୍ରସିଂ ନିର୍ମାଣ ପରିବର୍ତ୍ତେ ମୁଖ୍ୟ ରାସ୍ତାକୁ ମେଶିନ ଲଗାଇ ଖୋଳାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ଯୋଡ଼ା ବ୍ଲକ ଅନ୍ତର୍ଗତ ତଥା ଦକ୍ଷିଣ-ପୂର୍ବ ରେଳପଥ ଅଧୀନ ବିଲେଇପଦା-ଭାଗଲପୁର ରେଳଲାଇନ୍ ଦେଇଥିବା ରାସ୍ତାକୁ ରେଳ ବିଭାଗ ପକ୍ଷରୁ ଖୋଳି ଦିଆଯାଇଥିଲା। ଏ ନେଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଅଭିଯୋଗ କରି ଧାରଣାରେ ବସିଥିଲେ। ଉକ୍ତ ରାସ୍ତା ଉପରେ ବିଲେଇପଦା-ଭାଗଲପୁର, ସୋୟାବାଲି, ଗୋବରଧନପୁର, ଲହଣ୍ଡାର ମୁଣ୍ଡା ସାହିର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ବିଭାଗୀୟ କର୍ମଚାରୀ କର୍ଣ୍ଣପାତ କରି ନ ଥିଲେ। ଖବର ପାଇ ବିଲେଇପଦା ଫାଣ୍ଡିଅଧିକାରୀ ନରେଶ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ରେଳବାଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରେଳବାଇ ପୋଲିସ ଅଧିକାରୀ ହରେରାମ ସିଂଙ୍କୁ ପଚାରିବାରୁ ଉକ୍ତ ରାସ୍ତା ଦେଇ ଭାରିଯାନ ଚଳାଚଳ କରୁଛି। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ରାସ୍ତାକୁ ବନ୍ଦ କରାଯିବ ବୋଲି ସେ କହିଛନ୍ତି। ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ପଦକ୍ଷେପ ନ ନେଲେ ଅନଶନ

**କେନ୍ଦୁଝର, ୫।୨(ସ୍ୱ.ପ୍ର.)**

ବାଂଶପାଳ ବ୍ଲକରେ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସ୍ଥାନୀୟ ମହିଳା ସଙ୍ଗଠନ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଛନ୍ତି। ପଦକ୍ଷେପ ନିଆ ନ ଗଲେ ଉଚ୍ଚ ଅଧିକାରୀଙ୍କୁ ଅଭିଯୋଗ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ବାଂଶପାଳ ବ୍ଲକରୁ ଆସିଥିବା ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

# ମନ୍ଦାରସାହି ଗୋଷ୍ଠୀକେନ୍ଦ୍ରର ଭୂମିପୂଜା




ଗୋଷ୍ଠୀକେନ୍ଦ୍ର ଭୂମିପୂଜା ଅବସରରେ ଉପସ୍ଥିତ ଏମ୍‌ପିଙ୍କ ପ୍ରତିନିଧି ଓ ସାହିବାସୀ।

**ବଅଁରପାଳ, ୫।୨ (ଡି.ଏନ୍.ଏ)**

ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନାରେ ବଅଁରପାଳ ବ୍ଲକ କୁଲାଡ଼ ମନ୍ଦାରସାହିଠାରେ ମଙ୍ଗଳବାର ଏକ ଗୋଷ୍ଠୀ କେନ୍ଦ୍ରର ଭୂମିପୂଜା କରାଯାଇଛି। ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସଥପଥୀଙ୍କ ଜିଲା ପ୍ରତିନିଧି ଭକ୍ତିପ୍ରସାଦ ଦାସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମି ପୂଜା କରିବା ସହ ନବୀନ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଉପରେ ଲୋକଙ୍କୁ ଅବଗତ କରାଇଥିଲେ। ଏମ୍‌ପିଙ୍କ ପ୍ରସ୍ତାବ କ୍ରମେ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟରେ ଏହି ଗୋଷ୍ଠୀକେନ୍ଦ୍ର ନିର୍ମାଣ କରାଯିବାକୁ ନେଇ ସାହିବାସୀ ଏମ୍‌ପିଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଯୁବ ବିଜେଡି ନେତା ମାନସ ରଞ୍ଜନ ଦେହୁରୀ, ସୁଶିତ ସାହୁ, ସରୋଜ ବେହେରା, ମନ୍ଦାରସାହି ସଭାପତି ଶେଷଦେବ ସିଂ, ଗୁରୁଚରଣ ସେଠ, ବାମଦେବ ସେଠ, ପ୍ରସନ୍ନ କୁମାର ସେଠ, ପ୍ରସନ୍ନ କୁମାର ଜେନା, ବିମଳ ସେଠ, ନିମାଇଁ ଚରଣ ଜେନା, ଜିତେନ୍ଦ୍ର ସେଠ, ଅକ୍ଷୟ ରାଉତ, ସୁଜନ ମହାପାତ୍ର, ବ୍ରହ୍ମାନନ୍ଦ ସାହୁ, ବିପିନି ମହାପାତ୍ରଙ୍କ ସମେତ ସାହିବାସୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର, ୬ ଫେବୃୟାରୀ / ୨୦୧୯ Dhenkanal, Wednesday February 6 / 2019




### ୯ମ ଉମ୍ବରୁଧର ମେମୋରିଆଲ କ୍ରିକେଟ

# ଅରାହାଟକୁ ହରାଇ ଗଡ଼ସନ୍ତ୍ରୀ ଚାମ୍ପିୟନ

ଓଡ଼ାପଡ଼ା, ୫।୨ (ଡି.ଏନ.ଏ.)

ଓଡ଼ାପଡ଼ା ବ୍ଲକ କୁରୁଣ୍ଟି ନିକଟ ସୁଧାକର ସାମନ୍ତସିଂହାର ଖେଳପଡ଼ିଆରେ ଚାଲିଥିବା ୯ମ ଉମ୍ବରୁଧର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଅରାହାଟକୁ ହରାଇ ଗଡ଼ସନ୍ତ୍ରୀ ଚାମ୍ପିୟନ ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗଡ଼ସନ୍ତ୍ରୀ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୦ ରନ୍ କରିଥିଲା। ଏହାର ଜବାବରେ ଅରାହାଟ ୨୦ ଓଭରରେ ୧୨୪ ରନ୍ କରି



ଅଲ୍‌ଆଉଟ୍ ହୋଇଯାଇଥିଲା। ଧୂଆଁଧାର ୫୩ ରନ୍ କରିଥିବା ଚାମ୍ପିୟନ ଦଳର ମୁକେଶ ଅମାନ୍ତ 'ମ୍ୟାନ ଅଫ୍ ଦି ମ୍ୟାଚ୍', ପ୍ରଫୁଲ୍ଲ ମାଝି ଶ୍ରେଷ୍ଠ ବୋଲର, ରନର୍ସଅପ୍ ଦଳର ରାମଚନ୍ଦ୍ର ସାମଲ 'ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ', ସୁବ୍ରତ ସାମଲ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ନଗେଶ ସାମଲ ଶ୍ରେଷ୍ଠ ଫିଲ୍‌ଡର ଭାବେ ପୁରସ୍କୃତ ହୋଇଥିଲେ। ଶିବାଜୀ ନାୟକ, ଦୀପେନ୍ଦ୍ର ଦାସ ମ୍ୟାଚ ପରିଚାଳନା କରିଥିଲେ।

ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ନୀରୋଦ ତ୍ରିପାଠୀ, ବିକଳ ନାୟକ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଟାଟାଷ୍ଟିଲ ବିଏସ୍ଏଲର ବରିଷ୍ଠ ପରିଚାଳକ ଆଶୁତୋଷ ଦାସ, ଜୟନ୍ତ କୁମାର ନାଥ, ଭବାନୀ ଶଙ୍କର ନାୟକ, ନବକିଶୋର ସାହୁ, ନିରଞ୍ଜନ ସାମଲ, ରଣଜିତ ନାୟକ ଓ ରବିନାରାୟଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସୀତାକାନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ରଣା, ମୁନା ବିଶୋଇ, କେଦାର ବେଉରା, ଦୟାନିଧି ନାୟକ, ରାଜୀବ ଲୋଚନ ରାଉତଙ୍କ ସମେତ ଆୟୋଜକ ବ୍ଲୁ ବିଲିୟନ ମଲ୍‌ଟିଷ୍ଟାର କ୍ରିକେଟ କ୍ଲବର ସମସ୍ତ ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।

## ଶିଳ୍ପୋଦ୍ୟୋଗୀଙ୍କ ପରଲୋକ

ଢେଙ୍କାନାଳ ଅଫିସ, ୫।୨



ସ୍ଥାନୀୟ ଦେଉଳସାହିସ୍ଥିତ ଯୁବ ଶିଳ୍ପୋଦ୍ୟୋଗୀ ବିମଳ କୁମାର ଦାସ (୫୫)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ବର୍ଷେ ହେଲା କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଅନ୍ତିମ ସମୟରେ ପରିବାର ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ମହିଷାପାଟ ଖାଇରଗଡ଼ା ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।

# କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ଲାଗି କଡ଼ା ସୁରକ୍ଷା

ଢେଙ୍କାନାଳ ଅଫିସ, ୫।୨

କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତୀନ ଗଡ଼କରୀ ବୁଧବାର କାମାକ୍ଷାନଗର ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ତାଳଚେର–ଡୁବୁରୀ–ଚଣ୍ଡିଖୋଲକୁ ସଂଯୋଗ କରୁଥିବା ୫୩ନଂ. ଜାତୀୟ ରାଜପଥ ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରିବେ। ଉକ୍ତ ସମାରୋହରେ କେନ୍ଦ୍ର ତୈଳମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଯୋଗଦେବେ। ପୂର୍ବାହ୍ନ ୯ଟାରେ କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ୍‌ରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ନଜରରେ ରଖି ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଇନଶୃଙ୍ଖଳା ଏଡ଼ାଇବାକୁ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ତନ୍ମଧ୍ୟରେ ହେଲିପ୍ୟାଡ୍, ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ସାଧାରଣ ସଭା ସ୍ଥଳରେ ୨ ପ୍ଲାଟୁନ ରହିବେ। ଗୋଟିଏ ପ୍ଲାଟୁନ୍ ଟ୍ରାଫିକ ନିୟନ୍ତ୍ରଣ କରିବେ। ସେହିପରି ୧୪ଜଣ ଅଫିସର ମଧ୍ୟ ମୁତୟନ ହେବେ ବୋଲି ଏସ୍‌ପି ସନ୍ତୋଷ କୁମାର ନାୟକ ସୂଚନା ଦେଇଛନ୍ତି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ